କର୍ଣ୍ଣାଟକ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଏସ୍.ଏମ୍. କୋଟ୍ରୟା ଏବଂ ଅନ୍ୟମାନେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985*

*ଧାରା 21— ସମାନ ମାମଲାରେ ଦିଆଯାଇଥିବା ପ୍ରତିକାର ବିଳମ୍ବରେ ଦୃଷ୍ଟିକୁ ଆସିବାରୁ ନ୍ୟାୟାଧିକରଣଙ୍କ ସ୍ପଷ୍ଟୀକରଣ ଦେବାରେ ବିଳମ୍ବ – ନ୍ୟାୟାଧିକରଣ ବିଳମ୍ବକୁ କ୍ଷମା କରିଛନ୍ତି – ଅପିଲ ଗ୍ରହଣ କରିବା ପରେ, ଧାରା 21 ର ଉପ-ଧାରା (1) କିମ୍ବା (2) ରେ ଉଲ୍ଲେଖିତ ସମୟ ପାଇଁ ହୋଇଥିବା ବିଳମ୍ବ ପାଇଁ ସ୍ପଷ୍ଟୀକରଣ ଦିଆଯିବା ଆବଶ୍ୟକ ନୁହେଁ – କିନ୍ତୁ ଅବଧି ସମାପ୍ତ ହେବା ପରେ ହୋଇଥିବା ବିଳମ୍ବ ପାଇଁ ସ୍ପଷ୍ଟୀକରଣ ଦିଆଯିବା ଆବଶ୍ୟକ –ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ଉପଯୁକ୍ତ ସ୍ପଷ୍ଟୀକରଣ କି ନାହିଁ ତାହା ନ୍ୟାୟାଧିକରଣ ସୁନିଶ୍ଚିତ କରିବେ — ସମାନ ମାମଲାରେ ଦିଆଯାଇଥିବା ପ୍ରତିକାର ଜାଣିବା କୌଣସି ଉପଯୁକ୍ତ ସ୍ପଷ୍ଟୀକରଣ ନାହିଁ — ତେଣୁ ବିଳମ୍ବକୁ କ୍ଷମା ଦେବାରେ ନ୍ୟାୟାଧିକରଣ ସମ୍ପୂର୍ଣ୍ଣ ଭାବରେ ଅନୁଚିତ ଅଟନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12037-48/1996 ।

ଏ. ସଂଖ୍ୟା 4134-45 ରେ ବାଙ୍ଗାଲୋରରେ କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣଙ୍କର 14.8.89 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଏମ୍. ବୀରାପ୍ପା ।

ଉତ୍ତରଦାତାମାନଙ୍କ ପାଇଁ ଡି.ଭି. ସେହଗଲ (ଏ.ସି.)।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଆରମ୍ଭରେ, ଆମେ ଜଣେ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଡି.ଭି. ସେହଗଲ, ଯିଏକି ନ୍ୟାୟ ମିତ୍ର ଭାବରେ ଉପସ୍ଥିତ ହୋଇଥିଲେ, ତାଙ୍କ ମୂଲ୍ୟବାନ ସହାୟତା ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରୁଛୁ କାରଣ ଉତ୍ତରଦାତାମାନେ ବ୍ୟକ୍ତିଗତ ଭାବରେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ନଥିଲେ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ କର୍ଣ୍ଣାଟକ ପ୍ରଶାସନିକ ନ୍ୟାୟାଧିକରଣଙ୍କର ଅଗଷ୍ଟ 14, 1989 ରେ ଆବେଦନ ସଂଖ୍ୟା 4134-45/89 ରେ ଦିଆଯାଇଥିବା ସାଧାରଣ ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ, ଉତ୍ତରଦାତାମାନେ ଶିକ୍ଷା ବିଭାଗରେ ଶିକ୍ଷକ ଭାବରେ କାର୍ଯ୍ୟ କରିବା ସମୟରେ, 1981-82 ବର୍ଷ ମଧ୍ୟରେ ଛୁଟି ଯାତ୍ରା ପ୍ରତିକାର ଲାଭ

ଉଠାଇଥିଲେ । କିନ୍ତୁ ପରେ ଜଣାପଡ଼ିଲା ଯେ, ସେମାନେ କେବେ ବି ଏଲ୍ ଟି ସିର ଲାଭ ଉଠାଇନଥିଲେ, ବରଂ ସେହି ଅର୍ଥ ଉଠାଇଥିଲେ ଏବଂ ବ୍ୟବହାର କରିଥିଲେ । କିନ୍ତୁ ପରେ ଜଣାପଡ଼ିଲା ଯେ, ସେମାନେ କେବେ ବି ଏଲ୍ ଟି ସି ର ଲାଭ ଉଠାଇନଥିଲେ ବରଂ ସେହି ଅର୍ଥ ଉଠାଇଥିଲେ ଏବଂ ବ୍ୟବହାର କରିଥିଲେ । ଫଳସ୍ୱରୂପ, 1984-86 ମସିହାରେ ପୁନରୁଦ୍ଧାର ହୋଇଥିଲା । ସରକାରଙ୍କ ଦ୍ୱାରା ଆଦାୟ କରାଯାଇଥିବା କ୍ଷମତା ଉପରେ ପ୍ରଶ୍ନ ଉଠାଇ କେତେକ ବ୍ୟକ୍ତି ନ୍ୟାୟାଧିକରଣରେ ଆବେଦନ କରିଥିଲେ । ଏହା ଦେଖାଯାଉଛି ଯେ, ଏହା ପରେ ଅଗଷ୍ଟ 1989ରେ ନ୍ୟାୟାଧିକରଣ ସମାନ ଦାବିଗୁଡ଼ିକୁ ଅନୁମତି ଦେଇଥିଲେ ଏବଂ କହିଥିଲେ ଯେ, ଅପିଲକାରୀ-ସରକାର ଉତ୍ତରଦାତାମାନଙ୍କଠାରୁ ତାହା ଆଦାୟ କରିପାରିବେ ନାହିଁ । ଏହା ଜାଣିବା ପରେ, ଉତ୍ତରଦାତାମାନେ ବିଳମ୍ବକୁ କ୍ଷମା କରିବା ପାଇଁ ଏକ ଆବେଦନ ସହିତ ଅଗଷ୍ଟ 1989 ରେ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆବେଦନ କରିଥିଲେ । ଆକ୍ଷେପିତ ଆଦେଶ ଦ୍ୱାରା ବିଳମ୍ବକୁ ନ୍ୟାୟାଧିକରଣ କ୍ଷମା କରିଛନ୍ତି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲଗୁଡ଼ିକ।

ଅପିଲକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ବୀରାପ୍ପା, *ଏସ୍.ଏସ୍. ରାଠୋର ବନାମ ମଧ୍ୟପ୍ରଦେଶ ରାଜ୍ୟ* ,[1989] 4 SCC 582 ପୃଷ୍ଠା 591, ଅନୁଚ୍ଛେଦ 21, *ମାମଲାରେ ଏହି ନ୍ୟାୟାଳୟଙ୍କର ସାମ୍ବିଧାନିକ ବିଚାରପୀଠଙ୍କ ରାୟ ଉପରେ ନିର୍ଭର* କରି ଯୁକ୍ତି ବାଢିଥିଲେ ଯେ, ଯଦି ଉତ୍ତରଦାତାମାନେ କୌଣସି ସ୍ପଷ୍ଟୀକରଣ ଦେଇନାହାଁନ୍ତି ଯେ, ସେମାନେ କାହିଁକି ଛଅ ମାସ ମଧ୍ୟରେ ଆବେଦନ ଦାଖଲ କରିପାରିଲେ ନାହିଁ ଏବଂ ଯଦି ସେମାନେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 (ସଂକ୍ଷେପରେ, "ଅଧିନିୟମ") ର ଧାରା 21 ର ଉପ-ଧାରା (2) ଦ୍ୱାରା ଅନ୍ତର୍ଭୁକ୍ତ ଛଅ ମାସ ପରେ ଦାଖଲ କରିଥିଲେ, ତେବେ ପ୍ରଶାସନିକ ନ୍ୟାୟାଧିକରଣ ଅଧିନିୟମ, 1985 ର ଧାରା 21ର ଉପ-ଧାରା (2) (ସଂକ୍ଷିପ୍ତରେ "ଅଧିନିୟମ") ଅନୁଯାୟୀ ନ୍ୟାୟାଧିକରଣଙ୍କର ବିଳମ୍ବକୁ କ୍ଷମା କରିବାର କ୍ଷମତା ନାହିଁ । ଆମେ ବିବାଦରେ କୌଣସି ଦୃଢତା ପାଉନାହୁଁ ।

ଧାରା 21 ନିମ୍ନରେ ଦିଆଗଲା:

21. ସୀମା-(1) ଏକ ନ୍ୟାୟାଳୟ ଏକ ଆବେଦନ ଗ୍ରହଣ କରିବେ ନାହିଁ -

(a) ଯେଉଁ କ୍ଷେତ୍ରରେ ଅଭିଯୋଗ ସମ୍ପର୍କରେ ଧାରା 20 ର ଉପ-ଧାରା (2) ର ଧାରା (a) ରେ ଲ୍ଲେଖ କରାଯାଇଥିବା ପରିଏକ ଚୂଡ଼ାନ୍ତ ଆଦେଶ ଦିଆଯାଇଛି, ଯଦି ଆବେଦନ କରାଯାଇ ନଥାଏ, ତେବେ ଏପରି ଚୂଡ଼ାନ୍ତ ଆଦେଶ ଦିଆଯାଇଥିବା ତାରିଖରୁ ଏକ ବର୍ଷ *ମଧ୍ୟରେ;*

(b) ଯେଉଁ କ୍ଷେତ୍ରରେ ଧାରା 20 ର ଉପ-ଧାରା (2) ର ଧାରା (b) ରେ ଉଲ୍ଲେଖ କରାଯାଇଥିବା ପରି ଏକ ଅପିଲ କିମ୍ବା ନିବେଦନ କରାଯାଇଛି ଏବଂ ଏପରି ଚୂଡ଼ାନ୍ତ ଆଦେଶ ନ ଦେଇ ଛଅ ମାସର ସମୟ ସମାପ୍ତ ହୋଇସାରିଛି, ସେହି ଛଅ ମାସର ଅବଧି ସମାପ୍ତ ହେବାର ତାରିଖରୁ ଏକ ବର୍ଷ ମଧ୍ୟରେ ।

( 2) ଉପଧାରା (1) ରେ ଯେକୌଣସି ବିଷୟ ଥିବା ସତ୍ତ୍ୱେ, ଯେଉଁଠାରେ -

(a) ଯେଉଁ ଅଭିଯୋଗ ସମ୍ପର୍କରେ ଆବେଦନ କରାଯାଇଛି, ତାହା ସେହି ତାରିଖ ଠାରୁ ଠିକ ପୂର୍ବ ତିନି ବର୍ଷ ମଧ୍ୟରେ ଯେକୌଣସି ସମୟରେ ପାରିତ ଆଦେଶ ଯୋଗୁଁ ଉତ୍ପନ୍ନ ହୋଇଥିଲା, ଯେଉଁ ଦିନ ନ୍ୟାୟାଧିକରଣଙ୍କର ଅଧିକରିତା, କ୍ଷମତା, ଏବଂ କର୍ତ୍ତୃତ୍ୱ ଏହି ଅଧିନିୟମ ଅନୁଯାୟୀ ସେହି ମାମଲା ସମ୍ବନ୍ଧରେ ପ୍ରୟୋଗ ଯୋଗ୍ୟ ଅଟେ, ଯାହା ଏହି ଆଦେଶ ସହିତ ସମ୍ବନ୍ଧିତ ଅଟେ,

(b) ଉକ୍ତ ତାରିଖ ପୂର୍ବରୁ କୌଣସି ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ଏପରି ଅଭିଯୋଗର ସମାଧାନ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇନଥିଲା, ତେବେ ଆବେଦନଟି ନ୍ୟାୟାଧିକରଣଙ୍କ ଦ୍ୱାରା ଗ୍ରହଣ କରାଯିବ ଯଦି ଏହା ଉପ-ଧାରା (1) ର ଖଣ୍ଡ (a) ଯଥାସ୍ଥିତି ଖଣ୍ଡ (b) ରେ *ସୂଚିତ ଅବଧି ମଧ୍ୟରେ କିମ୍ବା ଉକ୍ତ ତାରିଖ ଠାରୁ ଛଅ ମାସ ଅବଧି ମଧ୍ୟରେ କରାଯାଏ, ଯାହା ପରେ ସମାପ୍ତ ହୁଏ ।*

(3) ଉପ-ଧାରା (1) କିମ୍ବା ଉପ-ଧାରା (2) ରେ ଯେକୌଣସି ବିଷୟ ସତ୍ତ୍ୱେ, ଉପ-ଧାରା (1) ର ଧାରା (a) କିମ୍ବା ଧାରା (b) ରେ ନିର୍ଦ୍ଦିଷ୍ଟ ଏକ ବର୍ଷ ପରେ କିମ୍ବା, ଯଥାସ୍ଥିତି, *ଉପ-ଧାରା (2) ରେ ନିର୍ଦ୍ଦିଷ୍ଟ ଛଅ ମାସର ସମୟ ପରେ ଏକ ଆବେଦନ ଗ୍ରହଣ କରାଯାଇପାରିବ,* ଯଦି ଆବେଦନକାରୀ ନ୍ୟାୟଧିକରଣଙ୍କୁ ସନ୍ତୁଷ୍ଟ କରାନ୍ତି ଯେ, ଏପରି ସମୟ ମଧ୍ୟରେ ଆବେଦନ ନକରିବା ପାଇଁ ସେମାନଙ୍କର ଯଥେଷ୍ଟ କାରଣ ଥିଲା ।

(ଗୁରୁତ୍ୱାରୋପ କରାଗଲା)

ଉକ୍ତ ଧାରାଟି ଏକ ପଠନ ସୂଚିତ କରିବ ଯେ, ଯେ ଧାରା 21 ର ଉପ-ଧାରା (1) ଧାରା (a) ଏବଂ (b) ରେ ଅଭିଯୋଗର ସମାଧାନ ପାଇଁ ସୀମାବନ୍ଧନ ପ୍ରଦାନ କରେ ଏବଂ ଗୋଟିଏ ବର୍ଷର ଅବଧି ନିର୍ଦ୍ଦିଷ୍ଟ କରେ । ଉପ-ଧାରା (2) ଧାରା (a) ଏବଂ (b) ଅନୁଯାୟୀ ଆସୁଥିବା ଅଭିଯୋଗ ସମ୍ବନ୍ଧରେ ଏକ ବର୍ଷର ସୀମାକୁ ବୃଦ୍ଧି କରିଥାଏ ଏବଂ ଉପ-ଧାରା (2) ଅନୁଯାୟୀ ଆସୁଥିବା ଅଭିଯୋଗ ପାଇଁ ଛଅ ମାସର ବାହ୍ୟ ସୀମା ପ୍ରଦାନ କରାଯାଇଛି । ଉପ-ଧାରା (3) ରେ ଦର୍ଶାଯାଇଛି ଯେ, ଉପ-ଧାରା (1) କିମ୍ବା ଉପ-ଧାରା (2) ରେ ଯେକୌଣସି ବିଷୟ ସତ୍ତ୍ୱେ, ଯଦି ଆବେଦନକାରୀମାନେ ନ୍ୟାୟାଧିକରଣକୁ ସନ୍ତୁଷ୍ଟ କରନ୍ତି ଯେ, ଆବେଦନ ତାରିଖ ଠାରୁ ଉପ-ଧାରା (1) ଏବଂ (2) ରେ ଉଲ୍ଲେଖିତ ଅବଧି ମଧ୍ୟରେ ଆବେଦନ ନ କରିବା ପାଇଁ ସେମାନଙ୍କର ଯଥେଷ୍ଟ କାରଣ ଥିଲା, ତେବେ ଆବେଦନକାରୀମାନେ ସେମାନଙ୍କ ଅଭିଯୋଗର ସମାଧାନ ପାଇଁ ଆବେଦନ ଦାଖଲ କରିବାରେ ବିଳମ୍ବକୁ ସନ୍ତୋଷଜନକ ଭାବରେ ବ୍ୟାଖ୍ୟା କରିଛନ୍ତି ବୋଲି ନିଜକୁ ସନ୍ତୁଷ୍ଟ କରି ନ୍ୟାୟାଧିକରଣଙ୍କ ବିଳମ୍ବକୁ କ୍ଷମା କରିବାର କ୍ଷମତା ଦିଆଯାଇଛି । ଯେତେବେଳେ ଉପ-ଧାରା (2) ଉପ-ଧାରା (1) ର ଧାରା (a) ଏବଂ (b) ଅଧୀନରେ ଆସୁଥିବା ଅଭିଯୋଗର ଏକ ବର୍ଷ ମଧ୍ୟରେ ଏବଂ ଉପ-ଧାରା (2) ଅନୁଯାୟୀ ଆସୁଥିବା ଅଭିଯୋଗ ସମ୍ପର୍କରେ ଛଅ ମାସର ବାହ୍ୟ ସୀମା ମଧ୍ୟରେ ଆବେଦନ କରିବା ପାଇଁ କ୍ଷମତା ପ୍ରଦାନ କରିଥାଏ, ସେତେବେଳେ ଆବେଦନକାରୀଙ୍କୁ ସେହି ସମୟ ମଧ୍ୟରେ ହୋଇଥିବା ବିଳମ୍ବ ପାଇଁ କୌଣସି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ନାହିଁ । ସେମାନଙ୍କର ଅଭିଯୋଗର ସମାଧାନ ପାଇଁ ସେମାନେ ନ୍ୟାୟାଳୟଙ୍କର ଅଧିକାରିତାକୁ ଆବାହନ କରିବାର ଅଧିକାର ରଖିଛନ୍ତି।ଯଦି ସେହି ସମୟସୀମା ପରେ ଆବେଦନଗୁଡ଼ିକ ଦାଖଲ କରାଯାଏ, ତେବେ ଆବେଦନ ଦାଖଲ ତାରିଖ ପର୍ଯ୍ୟନ୍ତ ହୋଇଥିବା ବିଳମ୍ବ ପାଇଁ ସନ୍ତୋଷଜନକ ସ୍ପଷ୍ଟୀକରଣ ଦେବାକୁ ପଡ଼ିବ ଏବଂ ତା'ପରେ ସେହି ତରଫରୁ ନ୍ୟାୟାଧିକରଣଙ୍କର ସନ୍ତୁଷ୍ଟିର ପ୍ରଶ୍ନ ଉଠିବ । ଉପ-ଧାରା (3) ଏକ ଅଣପ୍ରତିବନ୍ଧକ ଖଣ୍ଡ ସହିତ ଆରମ୍ଭ ହୁଏ ଯାହା ଧାରା 21 ର ଉପ-ଧାରା (2) ର ପ୍ରଭାବକୁ ନଷ୍ଟ କରେ ଏବଂ ତେଣୁ ଉପ-ଧାରା (1) ଏବଂ (2) ରେ ନିର୍ଦ୍ଧାରିତ ସମୟ ସମାପ୍ତ ହେବା ପରେ ହୋଇଥିବା ବିଳମ୍ବ ପାଇଁ ସନ୍ତୋଷଜନକ ବ୍ୟାଖ୍ୟା ଦେବାର ଆବଶ୍ୟକତା ସୃଷ୍ଟି ହୁଏ ।

*ଏସ୍. ଏସ୍. ରାଠୋରଙ୍କ (ପୂର୍ବୋକ୍ତ)* ମାମଲାରେ ସାମ୍ବିଧାନିକ ବିଚାରପୀଠ ନିର୍ଣ୍ଣୟର ଏହି ମାମଲାର ତଥ୍ୟ ଉପରେ କୌଣସି ପ୍ରୟୋଗ ନାହିଁ।ଏଥିରେ, ଏହି ନ୍ୟାୟାଳୟ ଏହି ପ୍ରଶ୍ନ ସହିତ ସମ୍ପୃକ୍ତ ଥିଲେ ଯେ, ଉପ-ଧାରା (3) ଅନୁଯାୟୀ ମୋଟ ଛଅ ମାସର ସମୟସୀମାକୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଆଦେଶ ଅନୁଯାୟୀ ନ୍ୟାୟାଧିକରଣକୁ ସ୍ଥାନାନ୍ତରିତ କରାଯିବା ସମୟରେ ମକଦ୍ଦମାରେ ଆବେଦନ ଦାଖଲ କରିବାରେ ବାଦ ଦିଆଯିବା ଉଚିତ କି ? ଏହି ସପକ୍ଷରେ, ସାମ୍ବିଧାନିକ ବିଚାରପୀଠ ମତ ଦେଇଥିଲେ ଯେ, ଏକ

ଦେୱାନୀ ନ୍ୟାୟାଳୟର ଅଧିକାରିତା ଅଧୀନରେ ଏକ ମକଦ୍ଦମା ପରିସୀମା ଅଧିନିୟମ , 1963 ର ଅନୁଚ୍ଛେଦ 58 ଦ୍ୱାରା ପରିଚାଳିତ ହୁଏ ଏବଂ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ଦାବିଗୁଡ଼ିକ ଅଧିନିୟମର ଧାରା 21 ଦ୍ୱାରା ପରିଚାଳିତ ହୁଏ । ଧାରା 21 ର ଉପ-ଧାରା (1) ଏବଂ (2) ରେ ନିର୍ଦ୍ଦିଷ୍ଟ ସମୟ ସମାପ୍ତ ହେବା ପରେ ନ୍ୟାୟାଧିକରଣର ବିଳମ୍ବକୁ କ୍ଷମା କରିବାର କ୍ଷମତା ଅଛି କି ବୋଲି ପ୍ରଶ୍ନ, ସେହି ମାମଲାରେ ବିଚାର ପାଇଁ ଉଠି ନଥିଲା ।

ତେଣୁ ବିଚାର କଲେ, ଆମେ ଭାବୁଛୁ ଯେ, ଉତ୍ତରଦାତାମାନେ ଧାରା 21 ର ଉପ-ଧାରା (1) କିମ୍ବା (2) ରେ ଉଲ୍ଲେଖିତ ସମୟ ପାଇଁ ହୋଇଥିବା ବିଳମ୍ବ ପାଇଁ ଏକ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ନୁହେଁ, କିନ୍ତୁ ସେମାନେ ଉପଯୁକ୍ତ ମାମଲା ପାଇଁ ପ୍ରଯୁଜ୍ୟ ଉପରୋକ୍ତ ସମ୍ପୃକ୍ତ ସମୟ ସମାପ୍ତ ହେବା ପରେ ହୋଇଥିବା ବିଳମ୍ବ ପାଇଁ ବ୍ୟାଖ୍ୟା ଦେବା ଉଚିତ ଏବଂ ପ୍ରଦାନ କରାଯାଇଥିବା ସ୍ପଷ୍ଟୀକରଣ ସଠିକ ବ୍ୟାଖ୍ୟା ଥିଲା କି ନାହିଁ ତାହା ନ୍ୟାୟାଧିକରଣ ନିଜକୁ ସନ୍ତୁଷ୍ଟ କରିବା ଆବଶ୍ୟକ । ଏହି ମାମଲାରେ, ଦିଆଯାଇଥିବା ସ୍ପଷ୍ଟୀକରଣ ଥିଲା ଯେ, ସେମାନେ ଅଗଷ୍ଟ 1982 ରେ ନ୍ୟାୟାଧିକରଣଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରତିକାର ବିଷୟରେ ଜାଣିବାକୁ ପାଇଲେ ଏବଂ ତା 'ପରେ ତୁରନ୍ତ ସେମାନେ ଆବେଦନ ଦାଖଲ କରିଥିଲେ । ତାହା ଆଦୌ ସଠିକ ବ୍ୟାଖ୍ୟା ନୁହେଁ । ଉପ-ଧାରା (1) ଏବଂ (2) ଅନୁଯାୟୀ ସେମାନଙ୍କୁ ସ୍ପଷ୍ଟକାରଣ ଦେବାକୁ କୁହାଯାଇଥିଲା ଯେ, ଉପ-ଧାରା (1) କିମ୍ବା (2) ଅନୁଯାୟୀ ନିର୍ଦ୍ଧାରିତ ସମୟ ସମାପ୍ତ ହେବା ପୂର୍ବରୁ ସେମାନେ କାହିଁକି ସେମାନଙ୍କର ଅଭିଯୋଗର ପ୍ରତିକାରର ଲାଭ ଉପଭୋଗ କରିପାରିବେ ନାହିଁ । ତାହା ଦିଆଯାଇଥିବା ବ୍ୟାଖ୍ୟା ନଥିଲା । ତେଣୁ ବିଳମ୍ବକୁ କ୍ଷମା କରିବାରେ ନ୍ୟାୟାଧିକରଣ ସମ୍ପୂର୍ଣ୍ଣ ଭାବରେ ଅଯୌକ୍ତିକ ଅଟନ୍ତି ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଉଛି । ନ୍ୟାୟାଧିକରଣଙ୍କର ଆଦେଶକୁ ରଦ୍ଦ କରାଯାଉଛି । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ।

ଜି.ଏନ୍ ଅପିଲଗୁଡ଼ିକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।

**"ଅନୁବାଦିକା**
**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**